ପ୍ରମେୟ
THE PRAMEYA

16th July, 2019

# ବିଶ୍ୱର ମୂଳଦୂଆ ଆଇଆଇଟିରେ: ରାଜ୍ୟପାଳ

ଭୁବନେଶ୍ୱର,୧୫।୭(ବ୍ୟୁରୋ): ଭବିଷ୍ୟତର ବିଶ୍ୱ ଯେଉଁ ମୂଳଦୂଆ ଉପରେ ଛିଡ଼ା ହେବାକୁ ଯାଉଛି, ତା'ର ଆଧାର ଆଇଆଇଟି ଭଳି ଶିକ୍ଷାନୁଷ୍ଠାନମାନେ ହେବେ। ଏବେ ବିଶ୍ୱବାସୀ ଗୋଟିଏ ବିଦ୍ୟା ଉପରେ ବେଶୀ ଗୁରୁତ୍ୱ ଦେଉଛନ୍ତି। ତାହା ହେଲା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା। ଏହା ସତ ଯେ କେବଳ ବୈଷୟିକ ଜ୍ଞାନ କୌଶଳ ଦ୍ୱାରା କାମ ଚଳିବନି। ଆଜିକାଲି କେହି ବିଜ୍ଞାନ ଉପରେ ବହି ଲେଖୁନାହାଁନ୍ତି ବରଂ ପେପର ଲେଖୁଛନ୍ତି। କାରଣ ଯେତେ ପର୍ଯ୍ୟନ୍ତ ଜଣେ କୌଣସି ବୈଜ୍ଞାନିକ ଚିନ୍ତାଧାରାକୁ ନେଇ ବହି ଲେଖିବ ସେତେବେଳକୁ ତାହା ପରିବର୍ତ୍ତନ ହୋଇ ସାରିଥିବ। ଏବେ ଟେକ୍ନୋଲୋଜିକୁ ଥିଓଲୋଜି ସହ ଯୋଡ଼ିବାର, ଫିଜିକ୍ସକୁ ମେଟାଫିଜିକ୍ସ ସହ ଓ ସାଇନ୍ସକୁ ଇନର ସାଇନ୍ସ ସହ ଯୋଡ଼ିବାର ସମୟ ଆସିଛି। ଆମକୁ ଇଣ୍ଟରନେଟ୍ ସହ କୌଣସି ସମସ୍ୟା ନାହିଁ ବରଂ ଏହାକୁ ଇନର ଏବଲ୍ୟୁସନ୍ ସହ ଯୋଡ଼ିପାରିଲେ ବୈଜ୍ଞାନିକ ଅନୁଚିନ୍ତା ଆଉ ଗୋଟେ ପାଦ ଆଗକୁ ଯାଇ ପାରିବ ବୋଲି କହିଛନ୍ତି ରାଜ୍ୟପାଳ ଗଣେଶୀ ଲାଲ।

ଭୁବନେଶ୍ୱର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ଅରଗୁଳସ୍ଥିତ ସ୍ଥାୟୀ କ୍ୟାମ୍ପସ୍‌ରେ ୨ଟି ନୂଆ ହଷ୍ଟେଲର ଉଦ୍‌ଘାଟନ ଅବସରରେ ଯୋଗଦେଇ ରାଜ୍ୟପାଳ ଗଣେଶୀଲାଲ ଆଇଆଇଟି ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକ କିପରି ମନୀଷ ତିଆରି କାରଖାନା ପାଲଟିଛି ସେ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ 'ବ୍ରହ୍ମପୁତ୍ର' ଛାତ୍ରାବାସ ଓ 'ଗଙ୍ଗାହଲ୍'ଛାତ୍ରୀନିବାସ ଉଦ୍‌ଘାଟିତ ହୋଇଯାଇଛି। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର୍ ଋଦ୍ରମ୍ ବରଦା ରାଜକୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ଭି.ଆର୍ ପେଡ଼ିରେଡ୍ଡି ଅତିଥି ପରିଚୟ ପ୍ରଦାନ କରିଥିଲେ।

ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଫେସର ଭିଆର୍ ପେଡ଼ିରେଡ୍ଡି, ଡକ୍ଟର ସୁବୋଧ କୁମାର, ଡକ୍ଟର ଦିନକର ପାଣ୍ଡା, ଶତ୍ରୁ ପାଲଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀ, ଷ୍ଟାଫ୍ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।

